ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୩ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ୧୫ରେ ପ୍ରାଥମିକ ଶିକ୍ଷକ ସଂଘର ମହାସମାବେଶ

**ଶେରଗଡ଼, ୧୨।୩(ଡି.ଏନ୍.ଏ):** ଶେରଗଡ଼ ବ୍ଲକର ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ପ୍ରାୟ ୩୦୦ ସଦସ୍ୟଙ୍କୁ ନେଇ ମା' ସାଉଁଳେଇ ପୀଠରେ ଏକ ବୈଠକ ହୋଇଯାଇଛି। ସଂଘ ଉପଦେଷ୍ଟା ସୁରେନ୍ଦ୍ର ଗୌଡ଼ ଅଧକ୍ଷତା କରିଥିଲେ। ସମ୍ପାଦକ ଅଶୋକ କୁମାର ସ୍ୱାଇଁ, ସଭାପତି ଅରୁଣ କୁମାର ସ୍ୱାଇଁ, ଉପସଭାପତି ଶିଶିର କୁମାର ପାଢ଼ୀ, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ଦଳେଇ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ନୂତନ ପେନସନଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବ୍ୟକ୍ତିଗତ ଛୁଟିରେ ରହିବେ। ଯଦି ୩ ଦିନ ଭିତରେ ସରକାର ସେମାନଙ୍କ ଦାବି ନ ଶୁଣନ୍ତି ତେବେ ସମୂହ ଛୁଟିରେ ଯିବାକୁ ସ୍ଥିରୀକୃତ ହୋଇଛି। ୧୫ରେ ସମସ୍ତ ନୂତନ ପେନସନଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବ୍ୟକ୍ତିଗତ ଛୁଟିରେ ଭୁବନେଶ୍ୱର ଯାଇ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

### ବାସନ୍ତିକ ସାହିତ୍ୟ ଆସର

**ଆସିକା,୧୨।୩ (ଡି.ଏନ୍.ଏ.):** ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦ ପକ୍ଷରୁ ରବିବାର ମଧ୍ୟାହ୍ନରେ ଚିନିଶିଳ୍ପ ନୂଆଗାଁସ୍ଥିତ ପରିଷଦର କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ବାସନ୍ତିକ ସାହିତ୍ୟ ଆସର, କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଭାପତି ସୁଖେନ୍ଦୁ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲା ପରିଷଦ ସଦସ୍ୟା ଅନିମା ପରିଡ଼ା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ବଳଦେବ ଜୀଉ ମହିଳା ମହାବିଦ୍ୟାଳୟର ଅଧକ୍ଷ ବିଭୂତି ଭୂଷଣ ମିଶ୍ର ଏବଂ ମୁଖ୍ୟବକ୍ତା ରୂପେ ତାରାତାରିଣୀ କଲେଜର ପୂର୍ବତନ ଅଧକ୍ଷ ଅରବିନ୍ଦ ପଣ୍ଡା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପଦେଷ୍ଟା ମାହେଶ୍ୱରୀ ଦୋରା, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ମଲ୍ଲ ଓ ରବିରଶ୍ମି ପତ୍ରିକାର ମୁଖ୍ୟ ସମ୍ପାଦକ ବଂଶୀଧର ରଥ ମଞ୍ଚାସୀନ ଥିଲେ। ସମାଜରେ ଯବାନ ଓ କିଷାନକୁ ସମ୍ମାନ ଦେବା ସହ କବି, ସାହିତ୍ୟିକ, ଦାର୍ଶନିକ ଓ ବିଦ୍ୱାନ୍ ବ୍ୟକ୍ତିମାନଙ୍କୁ ସମୁଚିତ ସମ୍ମାନ ଦିଆଯିବା ଏକାନ୍ତ ଆବଶ୍ୟକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବିତା ପାଠୋତ୍ସବରେ ପଦ୍ମିନୀ ଦାସ, କୁଶ ନାଇଡୁ, ବଂଶୀଧର ରଥ, ମୃତ୍ୟୁଞ୍ଜୟ ରଥ, ପ୍ରସନ୍ନ କୁମାର ଦାସ, ସନ୍ତୋଷ କୁମାର ପାଣି, ବୃନ୍ଦାବନ ବାଡ଼ତ୍ୟା, ଲଡୁ କିଶୋର ବିଷୋୟୀ, ମମତା କୁମାରୀ ସୁଆର, ଦେବରାଜ ଗୌଡ, ବୁଦ୍ଧିରାମ ନାହାକ, ବେଣୁଧର ତ୍ରିପାଠୀ, ସରୋଜ କୁମାର ଷଡ଼ଙ୍ଗୀ ପ୍ରମୁଖ କବିତା ପାଠ କରିଥିଲେ। ସମ୍ପାଦକ ମଲ୍ଲ ପ୍ରଶା' କୁମାର ନାୟକ, ତ୍ରିଲୋଚନ ନାୟକ, ସନ୍ତୋଷ କୁମାର ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ହିଞ୍ଜିଳିକାଟୁ,୧୨।୩(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ମିନି ଷ୍ଟାଡିୟମ ପରିସରରେ ମର୍ନିଂ କ୍ରିକେଟ କ୍ଲବ ହିଞ୍ଜିଳିକାଟୁର ଜିଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୧୬ ଦଳ ଭାଗ ନେଇଛନ୍ତି। ହିଞ୍ଜିଳିକାଟୁ ପୌରପରିଷଦ ଅଧକ୍ଷ ସୁବାସ ଚନ୍ଦ୍ର ପଲେଇ, ଗ୍ରୀଟ୍ ଅଧକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ୟାରୀମୋହନ ପାଢ଼ୀ, ବିଜେଡି ଯୁବ ସଙ୍ଗଠକ ତଥା ପୂର୍ବଖଣ୍ଡ ତାଲୁକା ବଡ଼େଇ କୁଳ ସଭାପତି ଅଜୟ କୁମାର ମହାରଣା, ବିଜେଡି ଓଡ଼ିଶା ମୋ ପରିବାର ସମ୍ପାଦକ ନୀଳମଣି ପଟ୍ଟନାୟକ, କାଉନ୍‌ସିଲର ବିଳାସିନୀ ମହାନ୍ତି, ପ୍ରଦୀପ କୁମାର ପଣ୍ଡା, ଓକିଲ ସଂଘ ସଭାପତି ଦ୍ୱିତୀକୃଷ୍ଣ ସାବତ, ହିଞ୍ଜିଳିକାଟୁ ତହସିଲଦାର ପ୍ରଭାତ କୁମାର ପରିଡ଼ା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମିଥୁନ ଓ ଆଲୋକ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ।

### ନାବାଳିକାଙ୍କୁ ଟଣା ଓଟରା, ପୂର୍ବତନ ସରପଞ୍ଚଙ୍କ ନାଁରେ ମାମଲା

**ହିଞ୍ଜିଳିକାଟୁ,୧୨।୩(ଡି.ଏନ୍.ଏ):** ହିଞ୍ଜିଳିକାଟୁ ବ୍ଲକ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଜଣେ ପୂର୍ବତନ ସରପଞ୍ଚ ଟଣା ଓଟରା କରିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଅଭିଯୋଗକାରିଣୀଙ୍କ ଘର ସାମନାରେ ନାବାଳିକା ଝିଆରୀ ଓ ସାଙ୍ଗ ଖେଳୁଥିଲେ। ଏହି ସମୟରେ ପୂର୍ବତନ ସରପଞ୍ଚ ନାବାଳିକାଙ୍କ ହାତ ଧରି ଟଣାଟଣି କରିଥିଲେ। ଏଥିରେ ନାବାଳିକା ଜଣକ ସହମତ ନ ହେବାରୁ ତାଙ୍କୁ ସରପଞ୍ଚ ଗାଳି ଗୁଲଜ ସହ ଧମକ ଦେଇଥିଲେ ବୋଲି ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୧୫୭/୨୩ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଗଙ୍ଗାବାଡ଼ରେ ସରକାରୀ ଯୋଜନା ସାତସପନ

**ପାରଳାଖେମୁଣ୍ଡି:୧୨।୩ (ଡି.ଏନ୍.ଏ)**

ଗଜପତି ଜିଲା ଗୋଷାଣୀ ବ୍ଲକ ରମ୍ଭା ପଞ୍ଚାୟତ ଅନ୍ତର୍ଗତ ଗଙ୍ଗାବାଡ ଗ୍ରାମ ଏବେ ବି ଅପହଞ୍ଚ ହୋଇପଡିଛି। ରାସ୍ତାଘାଟ ନ ଥିବାରୁ ନିଜ ନିଜ ପିଲାମାନଙ୍କୁ ଗ୍ରାମବାସୀ ପାଠପଢାରେ ଡୋରି ବାନ୍ଧିଛନ୍ତି। ବ୍ଲକର ଦୁର୍ଗମ ତଥା ଅପହଞ୍ଚ ଇଲାକା ଭାବେ ରମ୍ଭା ପଞ୍ଚାୟତରେ ଏହି ଗଙ୍ଗାବାଡ ଗ୍ରାମ ରହିଛି । ୩୦ରୁ ଊର୍ଦ୍ଧ୍ୱ ଘର ଏବଂ ୧୬୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ ସରକାରୀ ଯୋଜନା ପହଞ୍ଚିବା ଏକ ପ୍ରକାର କଷ୍ଟସାଧ ହେଉଛି। ଗ୍ରାମବାସୀମାନେ ମୁଖ୍ୟକରି ଜଙ୍ଗଲ ଜାତ ଦ୍ରବ୍ୟ କିମ୍ବା ଦିନ ମଜୁରିଆ ଭାବେ କାମ କରୁଛନ୍ତି। ଗ୍ରାମକୁ ମୁଖ୍ୟରାସ୍ତାଠାରୁ ରାସ୍ତାଘାଟ ନ ଥିବାରୁ ଲୋକେ ନିଜ ନିଜ ପିଲାଛୁଆଙ୍କୁ ପାଠ ପଢାରେ ଏକ ପ୍ରକାର ଡୋରି ବାନ୍ଧୁଛନ୍ତି। ଗ୍ରାମର ପିଲାମାନେ ଛେଳି ଚରାଇବା କିମ୍ବା ପରିବାରଜନଙ୍କୁ କାର୍ଯ୍ୟରେ ସହାୟତା କରୁଥିବାର ପ୍ରକାଶ କରିଛନ୍ତି। ପାଠପଢା ବିଷୟରେ ପଚାରିଲେ କହୁଛନ୍ତି ଯେ, ରାସ୍ତାଘାଟ ନ ଥିବା ଏବଂ ୭ରୁ ୮କିମି ରାସ୍ତା ଅତିକ୍ରାନ୍ତ କଲେ ବିଦ୍ୟାଳୟ ରହିଛି। ଆଉ ଏହି ବନଘେରା, ଘାଟି ସାଙ୍ଗକୁ କଦର୍ଯ୍ୟମୟ ରାସ୍ତାରେ ଚାଲି ଚାଲି ଯିବା ଅସମ୍ଭବ ଓ ସୁରକ୍ଷା ନଥିବାରୁ ପାଠ ପଢାରୁ ବାଦ୍ ପଡିଛୁ। ପରିଜନମାନେ ୭ରୁ୮ କିମି ଦୂରରେ ଥିବା ଦେଉଳା ଗ୍ରାମଠାରେ ଥିବା ବିଦ୍ୟାଳୟକୁ ଛାଡିବାକୁ ଅମଙ୍ଗ ହେଉଛନ୍ତି । ହାତଗଣତି ପିଲାମାନେ


ଗଙ୍ଗାବାଡ଼ ଗ୍ରାମ୍ୟ ରାସ୍ତା ।

ବିଦ୍ୟାଳୟରେ ପଢୁଛନ୍ତି। ଦେଉଳା ଠାରେ ଥିବା ଛାତ୍ରାବାସରେ କେବଳ ଛାତ୍ରଙ୍କ ଲାଗି ହଷ୍ଟେଲ ସୁବିଧା ଅଛି, ହେଲେ ଛାତ୍ରୀମାନଙ୍କ ଲାଗି ହଷ୍ଟେଲ ନ ଥିବାରୁ ଗ୍ରାମର ପ୍ରାୟ ବାଳିକାମାନେ ପଢିବା ପାଇଁ ମନସ୍ତ କରିଥିଲେ ମଧ ପାହାଡିଆ ଅଙ୍କାବଙ୍କା ରାସ୍ତା ସାଙ୍ଗକୁ ଜଙ୍ଗଲି ଜନ୍ତୁଙ୍କୁ ଭୟ କରୁଛନ୍ତି। ଏପରି କାରଣ ଯୋଗୁ ଅଭିଭାବକମାନେ ପିଲାମାନଙ୍କୁ ଛାଡିବାକୁ ମଙ୍ଗୁନାହାନ୍ତି । ତଥାପି ଗ୍ରାମର ପ୍ରାୟ ୫ରୁ୬ଜଣ ବାଳିକା ଦୈନନ୍ଦିନ ଏହି ପାହାଡିଆ ତଥା ବନଘେରା ରାସ୍ତା ଦେଇ ପାଦଚଲାରେ ଦେଉଳାଠାରେ ଥିବା ବିଦ୍ୟାଳୟରେ ପଢୁଛନ୍ତି। ସେହିପରି କେତେକ ହାତଗଣତି ପିଲାମାନେ ଗୁରାଣ୍ଡିଠାରେ ଥିବା କଲେଜରେ ପଢୁଛନ୍ତି। ସେଠାରେ ମଧ କେବଳ ଛାତ୍ରଙ୍କ ଲାଗି ଛାତ୍ରାବାସ ରହିଛି । ଛାତ୍ରୀବାସ ନ ଥିବାରୁ କଲେଜରେ ଛାତ୍ରୀମାନଙ୍କ ସଂଖ୍ୟା ନଥିବାର ଜଣାପଡିଛି । ସୂଚନାଯୋଗ୍ୟ, ଗଙ୍ଗାବାଡ ଗ୍ରାମ ଦେଉଳା ଗ୍ରାମ ଠାରୁ ୭ରୁ୮ କିମି ମଧରେ ରହିଛି । ଦେଉଳାଠାରୁ ଏହି ଗ୍ରାମକୁ ଯିବାକୁ ହେଲେ କେବଳ ବାଇକ ଛଡା ଅନ୍ୟ କୌଣସି ଯାନବାହନ ଯିବାର ପ୍ରଶ୍ନ ଉଠୁନି । ମାଟି ପଥୁରିଆ ରାସ୍ତା ସାଙ୍ଗକୁ ବିପଦପୂର୍ଣ୍ଣ ଘାଟି ରହିଛି । ଏନେଇ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ଜନସାଧାରଣ ବାରମ୍ବାର ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଛନ୍ତି । ହେଲେ ଫଳ ଶୂନ୍ୟ। ଗ୍ରାମବାସୀ କହିବା ମୁତାବକ, ଗ୍ରାମରେ ଜରୁରିକାଳୀନ ପରିସ୍ଥିତି ତଥା ବିଶେଷ କରି ପ୍ରସୂତିଙ୍କୁ ନେବା କିମ୍ବା ରୋଗୀଙ୍କୁ ନେବା ଆଣିବା ପାଇଁ ଦୋଳା ହିଁ ସାହା ଭରସା। ଯଦି କେହି ଗର୍ଭବତୀ ହୁଅନ୍ତି ଦେଉଳା ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘରେ ରହିଥାନ୍ତି । କାରଣ ଦେଉଳା ଗ୍ରାମଠାରୁ ଯାତାୟାତ କରିବାର ସୁବିଧା ସୁଯୋଗ ରହିଛି । ଦୁର୍ଗମ ଅଞ୍ଚଳରେ ରହିଥିବାରୁ ପ୍ରଶାସନିକ ଅଧିକାରୀମାନେ ପାଦ ପକାଇବା ତ ଦୂରର କଥା ଆଡଆଖିରେ ଦୃଷ୍ଟି ମଧ ପକାଉ ନାହାନ୍ତି। ଲିଖିତ ଭାବେ ସମସ୍ୟା ଜଣାଇଲେ ଅଧିକାରୀମାନେ କେବଳ ମୌଖିକ ଭାବେ ସମସ୍ୟା ଦୂରକରାଯିବ ବୋଲି ପ୍ରତିଶ୍ରୁତି ମିଳୁଥିବାର ଜଣାଇଛନ୍ତି। ସେହପରି ରାଶନ ଆଣିବାକୁ ହେଲେ ପ୍ରତ୍ୟେକ ମାସରେ ପଞ୍ଚାୟତ ସଦର ମହକୁମା ରମ୍ଭା ଗ୍ରାମକୁ ଯିବାକୁ ପଡେ । ଏଠାକାର ଲୋକେ ସକାଳୁ ପାଦଚଲା ବନ ଘାଟି ରାସ୍ତା ପାର କରି ଦେଉଳା ଗ୍ରାମରେ ପହଞ୍ଚିଥାନ୍ତି। ପରେ ବିଭିନ୍ନ ଯାନବାହନ ସାହାଯ୍ୟରେ ଏଗାଁରୁ ରମ୍ଭାଠାରେ ପହଞ୍ଚି କାର୍ଯ୍ୟ ସମ୍ପାଦନ କରି ସଞ୍ଜ ସମୟରେ ଗ୍ରାମକୁ ଫେରିଥାନ୍ତି। ୨୦୧୮ରେ ତିତ୍‌ଲି ମହାବାତ୍ୟାରେ ଏହି ଗ୍ରାମରେ ବ୍ୟାପକ ଘର ନଷ୍ଟ ହୋଇଥିଲା । ଏହାକୁ ଲକ୍ଷ୍ୟକରି ଜିଲା ପ୍ରଶାସନ ଏକ ସମତୁଲ ସ୍ଥାନରେ ୮ଟି ବିଜୁ ପକ୍କାଘର ନିର୍ମାଣ କରିଛନ୍ତି। ହେଲେ କୌଣସି ଲୋକେ ବାସ କରୁ ନ ଥିବାର ଦେଖିବାକୁ ମିଳିଛି । ମୁଖ୍ୟ କରି ରାସ୍ତା ନ ଥିବାରୁ ଗ୍ରାମବାସୀ ଏକ ପ୍ରକାର ଅଭିଶପ୍ତ ଜୀବନ ବିତାଉଥିବାର ପ୍ରକାଶ କରିଛନ୍ତି । ସ୍ଥାନୀୟ ପ୍ରଶାସନ କିମ୍ବା ଜିଲା ପ୍ରଶାସନ ଗଙ୍ଗାବାଡ ପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ କହିଛନ୍ତି।

# ୨୫୦୦ ଲିଟର ପୋଚ ସହ ମଦ ଜବତ


ଜବତ ପୋଚ, ଦେଶୀ ମଦ ଓ ପ୍ରସ୍ତୁତ ସାମଗ୍ରୀ।

**ବୁଗୁଡ଼ା,୧୨।୩(ଡି.ଏନ୍.ଏ.)**

ବୁଗୁଡ଼ା ପୋଲିସ ଓ ଅବକାରୀ ପ୍ରଶାସନ ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ବାଲିପିଣ୍ଡି ବନ୍ଧ ହରିଜନ ସାହି ନିକଟ ବିଭିନ୍ନ ସ୍ଥାନରେ ରବିବାର ଭୋର ଚଢାଉ କରାଯାଇ ୨୫୦୦ ଲିଟର ପୋଚ ସହ ୬୩ ଲିଟର ଦେଶୀ ମଦ ଓ ମଦ ପ୍ରସ୍ତୁତି ଉପକରଣ ଜବତ କରାଯାଇଛି। ତହସିଲଦାର ସଂଗ୍ରାମ କେଶରୀ ଜେନା ଜେନାଙ୍କ ନିର୍ଦ୍ଦେଶ କ୍ରମେ ସକାଳେ ଅବକାରୀ ଥାନା ଅଧିକାରୀ ଦେବସ୍ମିତା ନାୟକ ଓ ପୋଲିସ ଏସ୍‌ଆଇ ସମୀର କୁମାର ସେଠୀଙ୍କ ନେତୃତ୍ୱରେ ଉଭୟ ବିଭାଗର କର୍ମଚାରୀମାନେ ପହଞ୍ଚି ଚଢ଼ଉ କରିଥିଲେ। ସ୍ଥାନୀୟ ଅବକାରୀ ଥାନାରେ ନଂ. ୯୨/୨୨-୨୩ ରେ ଏକ ମାମଲା ରୁଜୁ ହୋଇଥିବା ଅବକାରୀ ଥାନା ଅଧିକାରୀ ଦେବସ୍ମିତା ନାୟକ ସୂଚନା ଦେଇଛନ୍ତି। ଚଢାଉରେ ଅବକାରୀ ଏଏସ୍‌ଆଇ ରାମେଶ୍ୱର ବେହେରା, ନିରେନ୍ଦ୍ର ଶବର, ନିରଂଜନ ବେହେରା, ମନୋରଞ୍ଜନ ସେଠୀ ଆଦି ପୋଲିସ ସାମିଲ ହୋଇଥିଲେ।

# ପୁରାତନ ଛାତ୍ର ସଂସଦର ସାଧାରଣ କମିଟି ବୈଠକ


ବୈଠକରେ ଯୋଗଦେଇଥିବା ପୂର୍ବତନ ଛାତ୍ରୀଛାତ୍ର ଓ ଅତିଥିବୃନ୍ଦ

**ପାରଳାଖେମୁଣ୍ଡି,୧୨।୩(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ସହରରେ ଥିବା କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସାଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଡ.ଅଜୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧାରୀ ଗମାଙ୍ଗ, ଗଜପତି ଜଲାପରିଷଦ ଅଧକ୍ଷ ଜି.ତିରୁପତି ରାଓ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ କୁଳପତି ପ୍ରଫେସର ଡ. ଜୟନ୍ତ କୁମାର ମହାପାତ୍ର ମଞ୍ଚାସୀନ ଥିଲେ । ବୈଠକରେ ମୁଖ୍ୟତଃ ମହାବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା ଗୁଡିକ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୁରାତନ ଛାତ୍ର ଅମୂଲ୍ୟ କୁମାର ପାଣିଗ୍ରାହୀ ଅତିଥିଗଣଙ୍କୁ ମଞ୍ଚାସୀନ ନିମନ୍ତେ ନିମନ୍ତ୍ରଣ କରିଥିବା ବେଳେ ସ୍ୱାଗତ ସମ୍ଭାଷଣ ପୁରାତନ ଛାତ୍ର ସଂସଦର ସଭାପତି ଏମ୍‌ଡି ନାସିର ବେଗ୍ ପ୍ରଦାନ କରିଥିଲେ । ସମ୍ପାଦକୀୟ ବିବରଣୀ ଡ. ଶଙ୍କର ପ୍ରସାଦ ବକ୍ସି ପଠନ କରିଥିବା ବେଳେ ଆଶାଲତା ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସମନ୍ୱୟ ରକ୍ଷାକରି ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କର


ବାଚସ୍ପତି ବିକ୍ରମ କେଶରୀ ଆରୁଖ ଉଦ୍‌ବୋଧନ ଦେଉଛନ୍ତି।

**ଭଞ୍ଜନଗର,୧୨।୩(ଡି.ଏନ.ଏ)**

### ପଞ୍ଚାୟତ ସମିତି ବୈଠକରେ ବାଚସ୍ପତିଙ୍କ ପରାମର୍ଶ

ଭଞ୍ଜନଗର ପଞ୍ଚାୟତ ସମିତିର ଦ୍ୱିତୀୟ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷ ନରୀସଭା ନାୟକ ବୈଠକରେ ଅଧକ୍ଷତା କରିଥିଲେ। ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ବିକ୍ରମ କେଶରୀ ଆରୁଖ ବୈଠକରେ ଯୋଗଦେଇ ବିଭିନ୍ନ ଉନ୍ନୟନ ମୁଳକ କାର୍ଯ୍ୟକୁ ବ୍ଲକ ଏବଂ ପଞ୍ଚାୟତ ଲୋକ ପ୍ରତିନିଧି ମଧ୍ୟରେ ସମନ୍ୱୟ ରକ୍ଷା କରି ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦଳମତ ନିର୍ବିଶେଷରେ ଉନ୍ନୟନ କାର୍ଯ୍ୟ କରାଯାଉ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଭଳି ଯୋଜନାକୁ ଅଧିକରୁ ଅଧିକ କରାଯାଉ। ବିଡିଓ ଶଶିଭୂଷଣ ମହାପାତ୍ର ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ୟାମଘନ ପ୍ରଧାନ ବିବରଣୀ ପଠନ କରିଥିଲେ । ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ନିହାର ରଞ୍ଜନ ସ୍ୱାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ମାଧମରେ ବ୍ଲକକୁ କିଭଳି ପାଣି ଯୋଗାଣ ହେବ ସେନେଇ କହିଥିଲେ। କେତେକ ପଞ୍ଚାୟତରେ କର୍ମଚାରୀମାନଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ପଞ୍ଚାୟତ ପ୍ରତିନିଧିମାନେ ଦରମା ପ୍ରଦାନ କରୁନାହାନ୍ତି। ଆଗକୁ ଗ୍ରୀଷ୍ମ ଋତୁ ଆସୁଛି । ଦରମା ସେମାନଙ୍କୁ ପ୍ରଦାନ କରାନଗଲେ ଆଗକୁ ସମସ୍ୟା ଆସିପାରେ ବୋଲି ସ୍ୱାଇଁ କହିଥିଲେ। ବ୍ଲକ କୃଷି ଅଧିକାରୀ କୃଷକ ମାନଙ୍କ ପାଇଁ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ କହିଥିଲେ। ବ୍ଲକ ଉପାଧକ୍ଷ ରାଜଲକ୍ଷ୍ମୀ ପ୍ରଧାନ, ଏମ୍‌ପି ପ୍ରତିନିଧି ଦିବାକର ନାୟକ, ତହସିଲଦାର ଅଚ୍ୟୁତାନନ୍ଦ ଜାନି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ବିଭିନ୍ନ କମିଟି ଗଠନ ହୋଇଥିଲା।

# ଭାଜପାର ବୁଥ୍‌ସ୍ତରୀୟ ବୈଠକ

**ଦିଗପହଣ୍ଡି,୧୨।୩(ଡି.ଏନ୍.ଏ.)**

ଭାଜପା ପକ୍ଷରୁ ସର୍ବଭାରତୀୟ ସ୍ତରରେ ବୁଥ୍ କମିଟି ଗଠନ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ରବିବାର ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୋମକେଇ ମଣ୍ଡଳର ବୁଥ୍ କମିଟି ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ପ୍ରଭାରୀ ଶ୍ରୀକାନ୍ତ ପାଢ଼ୀ ବିଏଲ୍‌ଏନ୍‌ପୁର ପଞ୍ଚାୟତର ବନମାଳୀ ଗ୍ରାମ, ଗୌଡ଼ଗାଁ ପଞ୍ଚାୟତର ଗୌଡ଼ଗାଁ, ଚୌଧୁରୀ ଟିକରପଡା ପଞ୍ଚାୟତ ଓ ଭ୍ରମରପୁର ପଞ୍ଚାୟତରେ ବୁଥସ୍ତରୀୟ କମିଟି ଗଠନର କାର୍ଯ୍ୟକ୍ରମ କିପରି ହେବ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ କରାଇଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡିକର ପ୍ରଚାର କରାଯାଇ ପ୍ରତ୍ୟେକ ବୁଥ୍‌ର ତଳସ୍ତର ପର୍ଯ୍ୟନ୍ତ ଜନଜାଗରଣ କିପରି ହେବ ସେ ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଦିଗପହଣ୍ଡି ବ୍ଲକ ୨୬ ନଂ. ଜିଲା ପରିଷଦ ଜୋନର ମଣ୍ଡଳ ସଭାପତି ରଘୁନାଥ ଗୌଡ଼ କାର୍ଯ୍ୟକର୍ତ୍ତା ବାପି ପ୍ରଧାନ, ତାରିଣୀ ତ୍ରିପାଠୀ, ବସନ୍ତ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ପାର୍ଟିର ସାଙ୍ଗଠନିକ ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଭାଜପା କାର୍ଯ୍ୟକର୍ତ୍ତା ଶ୍ରୀକାନ୍ତ ସାହୁ, ଶୀତୁ କୁଣ୍ଡ, ଇନ୍ଦ୍ରଜିତ ସାହୁ, ମହେନ୍ଦ୍ର ମିଶ୍ର, ଲୁଲୁ ଭଞ୍ଜ ଓ ଭାରତୀ ସାହୁ ଉପସ୍ଥିତ ଥିଲେ।

# ତୈଳିକ ବୈଶ୍ୟ ସମାଜର କର୍ମକର୍ତ୍ତା ନିର୍ବାଚନ

**ଦିଗପହଣ୍ଡି,୧୨।୩(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବଡଡୁମୁଳା ମା'ବାଙ୍କେଶ୍ୱରୀଙ୍କ ପୀଠରେ ରବିବାର ଖାଡି ତୈଳିକ ବୈଶ୍ୟ ସମାଜର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମାଜର ବରିଷ୍ଠ କାର୍ଯ୍ୟକର୍ତ୍ତା ରଘୁନାଥ ସାହୁ ଏଥିରେ ସଭାପତିତ୍ୱ କରିଥିଲେ।ସମାଜର ବିଭିନ୍ନ ସମସ୍ୟା ଏବଂ ସାଙ୍ଗଠନିକ ବିଷୟ ଉପରେ ଆଲୋଚନା କରାଯାଇ ବିବିଧ ନିଷ୍ପତ୍ତି ଗୃହୀତ ହୋଇଥିଲା। ଏହି ଅବସରରେ ସମାଜର ଦଶମ, ଦ୍ୱାଦଶ ଏବଂ ଯୁକ୍ତ ୩ ଶ୍ରେଣୀର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ଏବଂ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କର୍ମକର୍ତ୍ତା ନିର୍ବାଚନ କରାଯାଇ ଆଦିକନ୍ଦ ସାହୁଙ୍କୁ ସଭାପତି, ଓମ ପ୍ରସାଦ ସାହୁ ଉପସଭାପତି, ମନୋଜ କୁମାର ସାହୁ ସମ୍ପାଦକ, ରାମକୃଷ୍ଣ ସାହୁ ସହସମ୍ପାଦକ ଏବଂ ଭଗବାନ ସାହୁଙ୍କୁ କୋଷାଧକ୍ଷ ଭାବେ ନିର୍ବାଚିତ କରାଯାଇଥିଲା। ପ୍ରକାଶ ଚନ୍ଦ୍ର ସାହୁ କାର୍ଯ୍ୟ ପରିଚାଳନା କରିଥିଲେ।

# କମଳା ପ୍ରକାଶନୀର ପୁସ୍ତକ ଲୋକାର୍ପଣ ଉତ୍ସବ

**ଫୁଲବାଣୀ ଅଫିସ, ୧୨।୩(ଡି.ଏନ୍.ଏ.)**

ଫୁଲବାଣୀ ବିଟିମ୍ ପଡ଼ିଆରେ ଜିଲା ଲେଖକ ସାମ୍ମୁଖ୍ୟ ପକ୍ଷରୁ ଚାଲିଥିବା ପୁସ୍ତକ ମେଳାରେ କମଳା ପ୍ରକାଶନୀର ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ତଥା କବି ଡା. ପ୍ରସନ୍ନ ପାଟଶାଣୀ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି କମଳା ପ୍ରକାଶନୀର ପୁସ୍ତକ ବିକ୍ରୟ କେନ୍ଦ୍ରକୁ ଉଦ୍‌ଘାଟିତ କରିଥିଲେ। ଅତିଥିମାନେ ପ୍ରକାଶନୀର ସାଧାରଣ ସମ୍ପାଦକ ଡ. ନୃସିଂହାନନ୍ଦ ମହାପାତ୍ରଙ୍କ ୨୫ରୁ ଅଧିକ ରଚିତ ପୁସ୍ତକକୁ ବୁଲି ଦେଖିଥିଲେ। ପାଠକ ପାଠିକାଙ୍କ ଭିଡ଼ ମଧ ପରିଲକ୍ଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାମକୃଷ ବେହେରା, ରାଜେଶ କୁମାର ମହାନ୍ତି, ଦେବ ବେହେରା ଓ ପ୍ରକାଶନୀର ସକ୍ରିୟ ସଦସ୍ୟମାନେ ସହଯୋଗ କରିଥିଲେ।

ସେହିପରି ପୁସ୍ତକ ମେଳା ରୌପ୍ୟ ଜୟନ୍ତୀ ଅବସରରେ ବ୍ରହ୍ମପୁର ବନକୁସୁମ ପ୍ରତିଷ୍ଠାନ ସୌଜନ୍ୟରେ ଶିଶୁ କିଶୋର କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କନ୍ଧମାଳର କବିଙ୍କ ସହ ଶିଶୁ କବିମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ଡ. ନୃସିଂହାନନ୍ଦ ମହାପାତ୍ରଙ୍କୁ କୁସୁମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୁସ୍ତକ ମେଳାର ନବମ ଦିନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୟ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବନକୁସୁମର ପ୍ରତିଷ୍ଠାତା ସମ୍ପାଦକ କାଳନ୍ଦୀ ଚରଣ ନାୟକ, ମୁଖ୍ୟ ବକ୍ତା ଶଙ୍କର୍ଷଣ ପାତ୍ର, ସମ୍ମାନିତ ଅତିଥି ପ୍ରଫୁଲ୍ଲ ମହାନ୍ତ ଓ ସୁଭାଷ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ରାମକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ ପୁସ୍ତକ ମେଳା ବୁଲି ଦେଖୁଛନ୍ତି।

# ସଂରକ୍ଷଣ ସ୍ଥାନ ପାଇବାରୁ ଛାତ୍ରୀଛାତ୍ର ବଞ୍ଚିତ


ସ୍କୁଲ ସମ୍ମୁଖରେ ଜନ ପ୍ରତିନିଧି, ବୁଦ୍ଧିଜୀବୀ ଓ ଗ୍ରାମବାସୀ।

**ଆର.ଉଦୟଗିରି,୧୨।୩(ଡି.ଏନ.ଏ.)**

ଗଜପତି ଜିଲା ଚନ୍ଦ୍ରଗିରିଠାରେ ଥିବା ଜିଲାର ଏକମାତ୍ର ଏକଲବ୍ୟ ଆବାସିକ ବିଦ୍ୟାଳୟରେ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ନିମନ୍ତେ ସରକାର ୧୦ ପ୍ରତିଶତ ସ୍ଥାନ ସଂରକ୍ଷିତ ପୂର୍ବରୁ କରିଥିଲେ। ସ୍କୁଲ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ଏହି ସୁବିଧା ପାଇ ଆସୁଥିଲେ ସାଧାରଣ ବର୍ଗର ସ୍ଥାନୀୟ ଛାତ୍ରୀଛାତ୍ର। କିନ୍ତୁ ଚଳିତ ବର୍ଷ ଏହି ସୁବିଧାରୁ ଛାତ୍ରୀଛାତ୍ର ବଞ୍ଚିତ ହୋଇଛନ୍ତି । ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ ଆବେଦନ କରିବା ଲାଗି ସ୍କୁଲକୁ ଯାଇ ଅଭିଭାବକମାନେ ନିରାଶ ହୋଇ ଫେରିଛନ୍ତି। କେଉଁ କାରଣରୁ, ଏହି ନିଷ୍ପତ୍ତି ସରକାର ଓ ସ୍କୁଲ କର୍ତ୍ତୃପକ୍ଷ ନେଲେ ତାହା ସ୍ଥାନୀୟ ଅଭିଭାବକଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ପ୍ରଥମେ ସ୍କୁଲ କର୍ତ୍ତୃପକ୍ଷ ଓ ପରେ ଜିଲାମଙ୍ଗଳ ଅଧିକାରୀ, ପ୍ରକଳ୍ପ ଅଧିକାରୀ ଜିଲାପାଳ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏ ସମ୍ପର୍କରେ ଅଭିଯୋଗ ମଧ କରିଥିଲେ।

### ଏକଲବ୍ୟ ଆଦର୍ଶ ବିଦ୍ୟାଳୟ

କିନ୍ତୁ ତାହା ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର କାର୍ଯ୍ୟକାରୀ ହୋଇନଥିବାରୁ ରବିବାର ସ୍କୁଲ ସମ୍ମୁଖରେ ଚନ୍ଦ୍ରଗିରି ଅଞ୍ଚଳର ଜନପ୍ରତିନିଧି ଓ ବୁଦ୍ଧିଜୀବୀମାନେ ଏକଲବ୍ୟ ଆବାସିକ ବିଦ୍ୟାଳୟ ଫାଟକ ସମ୍ମୁଖରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ଆଗାମୀ ଦିନରେ ଏହା ଏକ ଆନ୍ଦୋଳନ ହେବାସହ ପ୍ରବେଶିକା ପରୀକ୍ଷା ହେବାକୁ ଦେବୁନି ଓ ରାଜରାସ୍ତା ଅବରୋଧ କରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବେ ବୋଲି ସମ୍ମିଳନୀରେ ଚେତାବନୀ ଦେଇଛନ୍ତି। ଏପଟେ ସ୍କୁଲ ପ୍ରବେଶିକା ଫର୍ମ ଦେୟ ମୁକ୍ତ ଥିବାବେଳେ ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ କିଣି ଆଣିବା ଲାଗି ବାଧ କରୁଥିବା ଅଭିଯୋଗ ହୋଇଛି। ଅଭିଭାବକମାନେ ଗୋଟିଏ ଫର୍ମକୁ ୧୫ରୁ ୨୦ ଟଙ୍କା ଦେଇ କିଣିଥିବା ବେଳେ ଏଥିରେ ସ୍କୁଲ କର୍ତ୍ତୃପକ୍ଷଙ୍କ ହାତ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ। ସ୍ଥାନ-ଆନ୍ଧ୍ର ମହିଳା ସମାଜମ,ସମୟ-ସନ୍ଧ୍ୟା ୬ଟା

# ବେଆଇନ ଇଟାଭାଟି ପ୍ରତି କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

**ଖଲ୍ଲିକୋଟ,୧୨।୩(ଡି.ଏନ.ଏ.)**

ଗଞ୍ଜାମ ଜିଲା ଆନ୍ତର୍ଜାତିକ ମାନବାଧିକାର ପରିଷଦ ପକ୍ଷରୁ ସାନଖେମୁଣ୍ଡି ତହସିଲ ଅଞ୍ଚଳରେ ବେଆଇନ ଭାବେ ଗଢ଼ି ଉଠିଥିବା ୧୦ ବେଆଇନ ପୋଡା ଇଟା ଭାଟି ବନ୍ଦ କରିବା ପାଇଁ ସ୍ଥାନୀୟ ଅଞ୍ଚଳର କେତେଜଣ ଗଞ୍ଜାମ ଜିଲା ଆନ୍ତର୍ଜାତିକ ମାନବାଧିକାର ପରିଷଦକୁ ଅନୁରୋଧ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରଦୂଷଣ ବଢ଼ି ଚାଲୁଥିବାରୁ ଅଞ୍ଚଳବାସୀଙ୍କ ଅନୁରୋଧ କ୍ରମେ ପରିଷଦର କର୍ମକର୍ତ୍ତା ବୃନ୍ଦ ସାନଖେମୁଣ୍ଡି ତହସିଲଦାରଙ୍କୁ ଭେଟି ଉକ୍ତ ସମସ୍ତ ବେଆଇନ ପୋଡା ଇଟା ଭାଟିକୁ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ସ୍ଥାନୀୟ ପ୍ରଶାସନ ଇଟା ମାଫିଆଙ୍କ ହାତ ବାରିସୀ ହୋଇ ଉକ୍ତ ଇଟା ଭାଟି ବନ୍ଦ କରିବା ପରିବର୍ତ୍ତେ ବିଭିନ୍ନ ଆଳ ଦେଖାଇ ସେମାନଙ୍କୁ ପ୍ରୋତ୍ସାହିତ କରୁଥିବାରୁ ଅଞ୍ଚଳବାସୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଗଞ୍ଜାମ ଜିଲା ମାନବାଧିକାର ପରିଷଦ ଶେଷରେ କଲିକତା ସ୍ଥିତ ଜାତୀୟ ଗ୍ରୀନ ଟ୍ରିବୁନାଲର ଦ୍ୱାରସ୍ଥ ହୋଇଥିଲେ। ପରିଷଦ ପକ୍ଷରୁ ଉକ୍ତ ଅଦାଲତରେ ସାନଖେମୁଣ୍ଡି ଅଞ୍ଚଳରେ ବେଆଇନ ପୋଡା ଇଟା ଭାଟି ବନ୍ଦ କରିବା ପାଇଁ ଆପ୍ଲିକେସନ ନମ୍ବର ୧୪୩/୨୦୨୨ ଇ ଜେଡ଼୍ ଦାଖଲ କରାଯାଇଥିଲା। ଏହି ମୋକଦ୍ଦମାରେ ପ୍ରତିପକ୍ଷ ରୂପେ ଗଞ୍ଜାମ ଜିଲାପାଳ, ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ରାଜ୍ୟ ପରିବେଶ ସଂରକ୍ଷଣ ବିଭାଗ, କେନ୍ଦ୍ର ସରକାରଙ୍କ ପରିବେଶ ବିଭାଗ, ଜାତୀୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ସମେତ ବେଆଇନ ପୋଡା ଇଟା ଭାଟିର ୭ ଜଣ ମାଲିକଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ମୋକଦ୍ଦମାର ଶୁଣାଣି ସମୟରେ ଏନଜିଟିର ନିର୍ଦ୍ଦେଶ କ୍ରମେ ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓ ପ୍ରଶାସନ ମିଳିତ ଭାବେ କଙ୍କରଡ଼ା, ଆଡପଡା ଆଦି ବେଆଇନ ପୋଡା ଇଟା ଭାଟି ପରିଦର୍ଶନ କରି ୯ ଇଟା ଭାଟିକୁ ଭାଙ୍ଗିବା ସହ ଇଟା ଭାଟି ମାଲିକ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୂପ ବିପୁଳ ପରିମାଣର ଅର୍ଥ ଜରିମାନା ଆଦାୟ କରିଥିଲେ। କିନ୍ତୁ ଜଣେ ବ୍ୟକ୍ତି କାଳୁ ଚରଣ ନାୟକ ଇଟା ଭାଟି ପୂର୍ବରୁ ପ୍ରଶାସନ ନିକଟରୁ ଅନୁମତି ପ୍ରାପ୍ତ ହୋଇଥିବାରୁ ଉକ୍ତ ଇଟା ଭାଟି ଭଙ୍ଗା ଯାଇ ପାରି ନଥିଲା। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଉକ୍ତ ବ୍ୟକ୍ତିଙ୍କ ଦ୍ୱାରା ନିର୍ମିତ ଇଟା ଭାଟି ଆଇନ ଅନୁମୋଦିତ ଓ ପ୍ରଶାସନ ଦ୍ୱାରା ପ୍ରଦତ୍ତ ସର୍ତ୍ତ ଅନୁଯାୟୀ ନିର୍ମାଣ ହୋଇଛି କି ନାହିଁ ତାହା ତଦାରଖ କରି ଓଡ଼ିଶା ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓ ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଙ୍କ ଚୂଡ଼ାନ୍ତ ରାୟରେ ଉଲ୍ଲେଖ କରିଛନ୍ତି। ରବିବାର ଏ ସମ୍ପର୍କରେ ଖଲ୍ଲିକୋଟ ନିର୍ମଳଝରଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆନ୍ତର୍ଜାତିକ ମାନବାଧିକାର ପରିଷଦର ଗଞ୍ଜାମ ଜିଲା ସଭାପତି ସାଇ ପ୍ରସାଦ ପରିଡ଼ା, ଉପସଭାପତି ପ୍ରକାଶ ଚନ୍ଦ୍ର ପାତ୍ର, ସମ୍ପାଦକ ପ୍ରଦୀପ କୁମାର ନାୟକ, ଗଞ୍ଜାମ ଜିଲା ମହିଳା ଶାଖା ସଭାନେତ୍ରୀ ସୁଲୋଚନା ବେବର୍ତ୍ତା, ଗଞ୍ଜାମ ଜିଲା ଦେବାନୀ ଆଇନ ପରାମର୍ଶ ଦାତା ନୃସିଂହ ପ୍ରସାଦ ମିଶ୍ର, ଯୁବ ସାଧାରଣ ସମ୍ପାଦକ ଅଶୋକ ବେହେରା, ଗଞ୍ଜାମ ବ୍ଲକ ସଭାପତି ସୁରେଶ ନାହାକ, ସମାଜସେବୀ ପ୍ରୀତିନନ୍ଦା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଏହି ଚୂଡ଼ାନ୍ତ ରାୟ ସମ୍ପର୍କରେ ଖବରଦାତାମାନଙ୍କୁ ବିଶଦ ବିବରଣୀ ପ୍ରଦାନ କରିଥିଲେ। ସେହିପରି ଖଲ୍ଲିକୋଟ ସମେତ ସମଗ୍ର ଜିଲାରେ ଚାଲିଥିବା ବେଆଇନ ପୋଡା ଇଟାଭାଟି ବନ୍ଦ କରି ଜନସାଧାରଣଙ୍କୁ ପରିବେଶ ପ୍ରଦୂଷଣ ଜନିତ ବିଭିନ୍ନ ସମସ୍ୟାରୁ ରକ୍ଷା କରିବା ପାଇଁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ଆଗତ ଏହି ମୋକଦ୍ଦମାର ରାୟକୁ ଭିତ୍ତି କରି ଜିଲା ଓ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ। ଯଦି ଏଥିରେ ଜିଲା ଓ ସ୍ଥାନୀୟ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରି ବେଆଇନ ପୋଡା ଇଟା ଭାଟି ଉଚ୍ଛେଦ ନ କରେ ତେବେ ପରିଷଦ ପୁନର୍ବାର ସମ୍ପୂର୍ଣ୍ଣ ତଥ୍ୟ ପ୍ରମାଣ ସହ ପୁନଶ୍ଚ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହେବ ବୋଲି ଏହି ଅବସରରେ ପ୍ରକାଶ କରିଛନ୍ତି।


ଖବରଦାତା ସମ୍ମିଳନୀ।

## ଜବରଦଖଲ ଉଚ୍ଛେଦ

**ପାରଳାଖେମୁଣ୍ଡି, ୧୨।୩ (ଡି.ଏନ୍.ଏ):** ଗଜପତି ଜିଲା ପାରଳାଖେମୁଣ୍ଡି ଉପକଣ୍ଠ ବେତାଗୁଡା ମୌଜାରେ ରବିବାର ସକାଳେ ଜିଲା ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ଅଞ୍ଚଳରେ ୩ ଏକର ସରକାରୀ ଜମିକୁ ଜବରଦଖଲକାରୀ ମାଡ଼ି ବସିବାକୁ ଯୋଜନା କରି ଅସ୍ଥାୟୀ ଗୃହମାନ ନିର୍ମାଣ କରିଥିଲେ, ଯାହାକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରିବା ପାଇଁ ପୂର୍ବରୁ ତାଗିଦ କରାଯାଇଥିଲା। ତାହା ସତ୍ତ୍ୱେ ଜବରଦଖଲ କରି ଅସ୍ଥାୟୀ ଗୃହ ନିର୍ମାଣ କରିଥିଲେ। ରବିବାର ପାରଳାଖେମୁଣ୍ଡି ପୋଲିସ ଓ ଗୁମ୍ମା ତହସିଲଦାରଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ବୋଲି ପାରଳାଖେମୁଣ୍ଡି ଏସ୍‌ଡିପିଓ ରାମକୃଷ୍ଣ ପତି କହିଛନ୍ତି। ତେବେ ପାରଳାଖେମୁଣ୍ଡି ସହର ମଧ୍ୟରେ ଓ ଏହାର ଉପକଣ୍ଠରେ ଅନେକ ସରକାରୀ ଜମି, ବନ୍ୟାଞ୍ଚଳ, ମଠ ମନ୍ଦିର ଜମିକୁ ଦଲାଲ, ଜାଗା ମାଫିଆ ଓ ଜବରଦଖଲକାରୀ ଅକ୍ତିଆର କରି ନିଜ କଳା ସାମ୍ରାଜ୍ୟ ବିସ୍ତାର କରିଛନ୍ତି। ମୁଖ୍ୟତଃ ମନ୍ଦିର ମଠଗୁଡିକର ଜମିକୁ କଳା ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ରହିଛି। ଏବେ ଜବରଦଖଲ କରି ମନ୍ଦିର ମଠ ଗୁଡିକର ସମ୍ପତ୍ତିକୁ ନିଜ ଅକ୍ତିଆରକୁ ନେଇଛନ୍ତି, ଯାହାଦ୍ୱାରା ପାରଳାଖେମୁଣ୍ଡି ସହରର ଅନେକ ମନ୍ଦିର ପରିଚାଳନା କଷ୍ଟକର ହୋଇପଡ଼ିଛି। ଅନେକ ମନ୍ଦିର ଦେବନୀତି କରିପାରୁନାହାନ୍ତି। ଫଳରେ ଧର୍ମୀୟ ଭାବନା ଉପରେ କୁଠାରଘାତ ସଦୃଶ ହୋଇଛି। ତହସିଲଦାର ପ୍ରଥମେଶ ତ୍ରିପାଠୀ କହିଛନ୍ତି ପର୍ଯ୍ୟାୟ କ୍ରମେ ଜବର ଦଖଲ ଉଚ୍ଛେଦ କରାଯିବ।

## ଜିଲାସ୍ତରୀୟ ଲୋକ ଅଦାଲତ

**ଭଞ୍ଜନଗର,୧୧।୩(ଡି.ଏନ୍.ଏ):** ଭଞ୍ଜନଗର ତାଲୁକ ଆଇନ ସେବା କମିଟି ପକ୍ଷରୁ ଶନିବାର ପ୍ରଥମ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାଜଜ୍ ତଥା ତାଲୁକ ଆଇନସେବା କମିଟି ଅଧକ୍ଷ ଦେବଦତ୍ତ ପଟ୍ଟନାୟକ, ଏସ୍‌ଡିଜେଏମ୍ ଅମିତ କୁମାର ମାମଲାଗୁଡିକ ଫଇସଲା କରିଥିଲେ। ଲୋକ ଅଦାଲତ ବେଞ୍ଚ ସଦସ୍ୟ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସୋମନାଥ ନାୟକ, ତାଲୁକା ଆଇନସେବା କମିଟି ସଦସ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ବାର୍ ଆସୋସିଏଶନ ସଭାପତି ସନ୍ତୋଷ କୁମାର ନାୟକ, ଆଇନଜୀବୀ ସନ୍ତୋଷ କୁମାର ତିଆଡି, ବଂଶୀଧର ପ୍ରଧାନ, ସୁଧୀର ରଞ୍ଜନ ମହାପାତ୍ର, ଦେବୀପ୍ରସାଦ ତ୍ରିପାଠୀ, ସମୀର ନାୟକ, ଅରୁଣ କୁମାର ପାଢ଼ୀ, ବଟକୃଷ୍ଣ ପଣ୍ଡା ଉପସ୍ଥିତ ଥିଲେ। କୋର୍ଟ କର୍ମଚାରୀ ଆଦିତ୍ୟ ନାରାୟଣ ରଥ, ସୁନିଲ ମୁଦୁଲି, ଟି. ବି. ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ୧୭ଟି ମାମଲା ବିଚାର ହୋଇଥିଲା। ସେଥିମଧ୍ୟରୁ ୧୦ଟି ମୋଟରଯାନ ଦୁର୍ଘଟଣା ମାମଲା ବିଚାର କରାଯାଇ ୩୨ ଲକ୍ଷ ୨୫ ହଜାର ଟଙ୍କା ହିତାଧିକାରୀଙ୍କୁ ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

## କୈବର୍ତ୍ତ ସମାଜର ଜରୁରୀ ବୈଠକ

**ଶେରଗଡ଼, ୧୨।୩ (ଡି.ଏନ.ଏ.):** ଶେରଗଡ଼ କେଉଟସାହି କୋଠଘରେ କୈବର୍ତ୍ତ ସମାଜର ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସମାଜର ସଭାପତି ପାଣ୍ଡବ ବେହେରା ଅଧକ୍ଷତା କରିଥିଲେ। ବୈଠକ ଆରମ୍ଭରେ ଚଳିତ ବର୍ଷର ଆୟବ୍ୟୟ ହିସାବ କରାଯାଇ ଆଗାମୀ ବର୍ଷ ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ଚଳିତ ବର୍ଷ ସମାଜର ଗରିବ ଶ୍ରେଣୀର ପରିବାରର ଆର୍ଥିକ ସ୍ୱଚ୍ଛଳ ଦିଗରେ ସମାଜ ପକ୍ଷରୁ ଉଚିତ ପଦକ୍ଷେପ ନେବା ସହ ମୁଖ୍ୟ ସ୍ରୋତସ୍‌ରେ ସାମିଲ କରିବାକୁ କୁହାଯାଇଛି। ସମାଜର ମହିଳାମାନଙ୍କୁ ସ୍ୱତନ୍ତ୍ର ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ମାଛ ଚାଷକୁ ଅଗ୍ରଣୀ ଚାଷ ଭାବେ ଗ୍ରହଣ କରିବା ସହ ଅଧିକ ଗୋଷ୍ଠୀ ଗଠନ ଦିଗରେ ସମାଜର ଆଗ ଧାଡ଼ିର ସଭ୍ୟମାନେ ଚେଷ୍ଟା କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ମାଛ ବଜାର ତିଆରି ଓ କୈବର୍ତ୍ତ ସମାଜର କୋଠଘର ନିର୍ମାଣ ପାଇଁ କେମିତି ସହାୟତା ଆସିବ ସେ ଦିଗରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ସମ୍ପାଦକ କୈଳାସ ବେହେରା, ବାଞ୍ଛା ବେହେରାଙ୍କ ସମେତ ବହୁ ସଭ୍ୟ ଯୋଗ ଦେଇଥିଲେ।

# ନବବଧୂଙ୍କ ମୃତ୍ୟୁ, ସ୍ୱାମୀ ଅଟକ

## ହତ୍ୟା ଅଭିଯୋଗ ଆଣିଲେ ବାପା

**ଗୋପାଳପୁର,୧୨।୩(ଡ଼ିଏନଏ)**

ଗୋଳନ୍ଥରା ଥାନା ଅଞ୍ଚଳରେ ଜଣେ ନବବଧୂଙ୍କ ଶନିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ଏ ନେଇ ବାପାଘର ପକ୍ଷରୁ ଝିଅକୁ ପିଟିପିଟି ମାରିଦେଇଥିବା ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଦିଗପହଣ୍ଡି ଥାନା ଅଧୀନସ୍ଥ ନରସିଂହପୁର ଗ୍ରାମର ବିସା ଗୌଡ଼ଙ୍କ ଝିଅ ସାବିତ୍ରୀ ଗୌଡ଼ଙ୍କୁ ଗୋଳନ୍ଥରା ଥାନା ଅଧିନସ୍ଥ ଜୁଗୁଡ଼ି ଗ୍ରାମର ପ୍ରକାଶ ଗୌଡ଼ଙ୍କ ପୁଅ ସଂଗ୍ରାମଙ୍କୁ ଗତ ୯ରୁ ୧୦ ମାସ ତଳେ ବିବାହ କରିଥିଲେ। ଦାବି ମୁତାବକ ଯୌତୁକ ଦିଆଯାଇଥିଲା। କିଛି ଦିନ ପରେ ଶ୍ୱଶୁର ଘର ପକ୍ଷରୁ ସାବିତ୍ରୀଙ୍କୁ ଅଧିକ ଯୌତୁକ ଆଣିବା ନିମନ୍ତେ ନିର୍ଯାତନା ଆରମ୍ଭ ହୋଇଥିଲା। ପ୍ରତ୍ୟେକ ମାସରେ ଯୌତୁକ ଆଣିବା ନିମନ୍ତେ ତାଗିଦ କରିଯାଉଥିଲା, ନଚେତ ବାପାଘରକୁ ଫେରିଯିବାକୁ କୁହାଯାଉଥିଲା। ଶନିବାର ଅପରାହ୍ନରେ ସାବିତ୍ରୀଙ୍କର ମୃତ୍ୟୁ ଘଟିଥିଲା। ଏନେଇ ବାପାଘର ଲୋକେ ଜାଣିବା ପରେ ଶାଶୁ, ଶ୍ୱଶୁର, ସ୍ୱାମୀ, ସାନ, ବଡ଼ ଦିଅର ଓ ଅନ୍ୟମାନେ ଝିଅକୁ ମାଡ଼ ମାରିବା ସହିତ ତଣ୍ଟି ଚିପି ମାରିଦେଇଥିବା ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ ନମ୍ବର ୧୪୮/୨୩ ପ୍ରକାରେ ହତ୍ୟା ମାମଲା ରୁଜୁ କରି ସ୍ୱାମୀଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ମୃତଦେହକୁ ପୋଲିସ ରବିବାର ବ୍ୟବଚ୍ଛେଦ କରିବା ପରେ ବାପା ଘରକୁ ହସ୍ତାନ୍ତର କରିଛି।

# ମେଡିକାଲରେ ଡାକ୍ତର, ଫାର୍ମାସିଷ୍ଟ ନ ଥିବାରୁ ଉତ୍ତେଜନା


ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଉତ୍ତେଜିତ ଲୋକେ।

**ଗଞ୍ଜାମ,୧୨।୩(ଡି.ଏନ.ଏ.)**

ଗଞ୍ଜାମ ସହର ପଣ୍ଡାସାହିର ନିତ୍ୟାନନ୍ଦ ପଣ୍ଡାଙ୍କ ଘରେ ରବିବାର ଦୀପରୁ ନିଆଁ ଲାଗିଯାଇଥିଲା। ଖବର ପାଇ ଗ୍ରାସୀମ କମ୍ପାନୀର ଦମକଳ ଗାଡି ନିଆଁ ଲିଭାଇବାକୁ ଯାଉଥିବା ବେଳେ ଡାମଣା ସାହି ଛକ ମେଡିକାଲ ସମ୍ମୁଖ ବୁଲାଣିଆରେ ବାଇକରେ ଯାଉଥିବା ଜଣେ ଯୁବକଙ୍କୁ ପଛ ଚକା ଲାଗିଯିବା ଫଳରେ ଆହତ ହୋଇଥିବା ଜଣାପଡିଛି। ଆହତ ଯୁବକ ଜଣକ ହେଲେ ଚୌଧୁରୀ ସାହିର ସୁଶାନ୍ତ ମଣ୍ଡଳ। ସେହି ରାସ୍ତା ଦେଇ ଯାଉଥିବା ପ୍ରକାଶ ମହାନ୍ତୁଡ ଏବଂ ଦମକଳ କର୍ମଚାରୀ ମିଶି ଆହତଙ୍କୁ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର, ଫାର୍ମାସିଷ୍ଟ କିମ୍ବା ୧୦୮ ଗାଡି ନ ଥିବାରୁ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ପରେ କମ୍ପାନୀର ଏକ ଗାଡିରେ ଅଧିକ ଚିକିତ୍ସା ପାଇଁ ଛତ୍ରପୁର ମେଡିକାଲ ନିଆଯାଇଥିଲା। ଅନ୍ୟପଟେ ନିତ୍ୟାନନ୍ଦଙ୍କ ଘରେ ଭଡାରେ ରହୁଥିବା ଲୋକଙ୍କ କାଗଜ ପତ୍ର ପୋଡ଼ିଯାଇଛି। ପ୍ରକାଶଯୋଗ୍ୟ, ଅଧିକାଂଶ ସମୟରେ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଫାର୍ମାସିଷ୍ଟ ନିଜ ପର୍ସନାଲ କାର୍ଯ୍ୟରେ ନିୟୋଜିତ ରହୁଥିବା ଏବଂ ମେଡିକାଲରେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି। ଏଥିସହ ସ୍ଥାନୀୟ ମେଡିସିନ ଷ୍ଟୋରବାଲାଙ୍କ ହାତବାରିସି ସାଜି ଥଣ୍ଡା କିମ୍ବା ସାମାନ୍ୟ ଜ୍ୱର ପାଇଁ ୨୦୦ ରୁ ୨୫୦ ଟଙ୍କାର ଔଷଧ ଲେଖିଥିବା ଅଭିଯୋଗ ହୋଇଛି।

# ଶିଶୁଲେଖକ କର୍ମଶାଳା, ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର

**ରମ୍ଭା,୧୨।୩**

ଛଅଟି ବିଦ୍ୟାଳୟକୁ ନେଇ ଶିଶୁ ଲେଖକ କର୍ମଶାଳା ଓ ବାର୍ଷିକ ଉତ୍ସବ ନୂଆପଲ୍ଲୀ କ୍ଲଷ୍ଟର ଅନ୍ତର୍ଗତ ପୋଇରାଶି ପଞ୍ଚାୟତର ଛୋଟାବସା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗିରଥି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ସଂଳାପ ଲେଖକ ତଥା ଶିକ୍ଷାବିତ ଡ.ରଜନୀ ରଞ୍ଜନ ଦାଶ, ସମ୍ମାନିତ ବକ୍ତା ଭାବେ ସାହିତ୍ୟିକା ଡ.ନିର୍ମଳା କୁମାରୀ ମହାପାତ୍ର, ନିମନ୍ତ୍ରିତ ଅତିଥି ଭାବେ ଓସେପାର ମୋ ସ୍କୁଲ ପ୍ରୋଗ୍ରାମ ଅଫିସର୍ ଅବିନାଶ ଶତପଥୀ, ପୋଇରାଶି ସରପଞ୍ଚ ରବୀନ୍ଦ୍ରନାଥ ବେହେରା, ନାଏବ ସରପଞ୍ଚ ଡି.ଡାଳିମ୍ବ ରେଡ୍ଡୀ, ଗଞ୍ଜାମ ବ୍ଲକର ସମସ୍ତ ସିଆରସି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପିଲାମାନଙ୍କ ମଧ୍ୟରେ ଗଳ୍ପ, ପ୍ରବନ୍ଧ, କବିତା, ପଠନ, ଲିଖନ, ଆବୃତ୍ତି, ଗୀତ, ନୃତ୍ୟ, ଅଭିନୟ, ଖେଳ କାର୍ଯ୍ୟକ୍ରମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସାହିତ୍ୟ ସାଧନା ସେବା ନିମନ୍ତେ ଡ. ରଜନୀ ରଞ୍ଜନ ଦାଶ, ଡ.ନିର୍ମଳା କୁମାରୀ ପ୍ରଧାନ, ଗଦାଧର ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଡ. ରଜନୀ ରଞ୍ଜନ ଦାଶଙ୍କ 'ଛୋଟ ଜଙ୍ଗଲର କାହାଣୀ' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଶିକ୍ଷୟିତ୍ରୀ ବିଦ୍ୟୁଲତା ମିଶ୍ର ଏବଂ ସିଆରସି ପ୍ରକାଶ ବେହେରା ପରିଚାଳନା କରିଥିବା ବେଳେ ସିଆରସି ଦାମୋଦର ପଣ୍ଡା, ରବୀନ୍ଦ୍ର କୁମାର ସେଠୀ, ବିପ୍ରଚରଣ ସାହୁ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ରାଇବାରି ବେହେରା, ବଟକୃଷ୍ଣ ଦାଶ, ଅଶୋକ ବେହେରା, ଗାନ୍ଧୀ ବେହେରା, କାଳୁଚରଣ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ବିଭିନ୍ନ ବିଦ୍ୟାଳୟର ପରିଚାଳନା କମିଟିର ସମସ୍ତ ଚେୟାର ପର୍ସନ ଉପସ୍ଥିତ ଥିଲେ।

## ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି

**ଖଲ୍ଲିକୋଟ,୧୨।୩(ଡି.ଏନ୍.ଏ.)**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କେଶପୁର ବଜାର ନିକଟରେ ଥିବା ଆଖୁପଟିଆ ଢିମ୍ବିରା ଉପରେ ମା' ନାରାୟଣୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ମାର୍ଚ୍ଚ ୯ ତାରିଖଠାରୁ ଆରମ୍ଭ ହୋଇଥିଲା। ରବିବାର ବିଧିମୁତାବକ ପୂଜାର୍ଚ୍ଚନା ପରେ ଦେବୀଙ୍କ ବିଗ୍ରହଙ୍କୁ ଗର୍ଭ ଗୃହରେ ଥିବା ଆସନରେ ବିରାଜମାନ କରାଯାଇଛି। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ, ଜ୍ଞାନଯଜ୍ଞ ମାନ କରାଯାଉଛି। ବେଦଜ୍ଞ ପଣ୍ଡିତ ବିରୂପାକ୍ଷ ଦାଶ ପ୍ରଚାରକ, ବାସୁଦେବ ଦାଶ ଉପପ୍ରଚାରକ, ସୀମାଞ୍ଚଳ ଶତପଥୀ ବ୍ରହ୍ମା, ସନ୍ତୋଷ ବ୍ରହ୍ମା, ସନ୍ତୋଷ ରଥ ବ୍ରାହ୍ମଣମାନେ ହୋମଯଜ୍ଞ, ପୂଜାର୍ଚ୍ଚନା କରୁଥିବା ବେଳେ ଶ୍ରୀକୃଷ୍ଣଶରଣପୁର ଶାସନର ଲକ୍ଷ୍ମଣ ରଥ, ଚାନ୍ଦିନୀ ରଥ ଯଜ୍ଞରେ କର୍ତ୍ତା ଓ କର୍ତ୍ତ୍ରୀ ରୂପେ ଦାୟିତ୍ୱ ବହନ କରିଥିଲେ। ରବିବାର ପୂର୍ଣ୍ଣାହୁତି ହୋଇଥିଲା। ଶ୍ରୀକୃଷ୍ଣ ଶରଣପୁର ଏବଂ କେଶପୁର ପଞ୍ଚାୟତର ଜନସାଧାରଣ ଏହାର ପରିଚାଳନା କରୁଥିଲେ। ମନ୍ଦିରଟି ବହୁ ଉଚ୍ଚ ସ୍ଥାନରେ ଥିବାରୁ ଦର୍ଶନ ପାଇଁ ଜନସାଧାରଣଙ୍କ ମଧ୍ୟରେ ଆଗ୍ରହ ଦେଖାଯାଉଛି।

## ୪ ବଖରା ଜଳିଗଲା

**ଭଞ୍ଜନଗର,୧୨।୩(ଡି.ଏନ.ଏ)**

ଭଞ୍ଜନଗର ତହସିଲ ଅନ୍ତର୍ଗତ ହରିଗଡ଼ ଶାନ୍ତି ନଗରରେ ରବିବାର ଅଗ୍ନିକାଣ୍ଡ ଘଟି ଦୁଇ ପରିବାରର ୪ ବଖରା ଜଳିଯାଇଛି। କ୍ଷତିଗ୍ରସ୍ତ ପରିବାର ଗୁଡିକ ହେଲେ ଅଭି ନାୟକ ଓ ଶାନ୍ତି ନାୟକ। ନିଆଁ ଲାଗିବାର କାରଣ ଜଣାପଡିନାହିଁ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ଦକ୍ଷିଣ-ପୂର୍ବ ରେଳପଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ


ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

**ବ୍ରହ୍ମପୁର ଅଫିସ,୧୨।୩**

ବ୍ରହ୍ମପୁର ରେଳ ଷ୍ଟେସନ ସନ୍ନିକଟ ଦକ୍ଷିଣ-ପୂର୍ବ ରେଳପଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା କୁମାରୀ ଅଧକ୍ଷତା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା , ସମ୍ମାନିତ ଅତିଥି ଭାବେ ହିଲପାଟଣା କର୍ପୋରେଟର ସଂଜୀବ କୁମାର ପାଣିଗ୍ରାହୀ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ଚୌଧୁରୀ, ଆର. ବିଜୟଲକ୍ଷ୍ମୀ, ବିଜୟ ଚନ୍ଦ୍ର ଗୌଡ଼, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ଲିମା ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ସାହୁ, ଗୀତାଞ୍ଜଳି ପାତ୍ର, ଶାନ୍ତି କୁମାରୀ ମିଶ୍ର, ବିବୃତା ପାଠୀ ଓ ସଂଘମିତ୍ରା ସୂତାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁରୁଷୋତ୍ତମପୁର କୋର୍ଟ ପକ୍ଷରୁ ବିଶ୍ୱ ମହିଳା ଦିବସ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ପୁରୁଷୋତ୍ତମପୁର,୧୨।୩(ଡି.ଏନ୍.ଏ.)**

ମହିଳାମାନେ ଅବଳା କିମ୍ବା ଦୁର୍ବଳା ନୁହନ୍ତି ବରଂ ସେମାନେ ସର୍ବଂସହା ମାତା ଧରିତ୍ରୀ ପରି। ନାରୀମାନଙ୍କ ସାମଗ୍ରୀକ ବିକାଶ ଓ ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରିବା ଓ ବିଭିନ୍ନ ଆଇନ ସମ୍ପର୍କରେ ସଚେତନତା କରାଯାଇଛି। ବିଶ୍ୱ ମହିଳା ଦିବସ ଅବସରରେ ପୁରୁଷୋତ୍ତମପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ତାଲୁକା ଆଇନସେବା କମିଟି ପକ୍ଷରୁ ପାଣ୍ଡିଆ ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବିଚାରପତି ପୂଜା ପ୍ରିୟଦର୍ଶନୀ ପତିଙ୍କ ପୌରହିତ୍ୟରେ ଶନିବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପାଣ୍ଡିଆ ସରପଞ୍ଚ ସବିତା ସେଠୀ, ବରିଷ୍ଠ ଆଇନଜୀବୀ ଉପେନ୍ଦ୍ର ପଣ୍ଡା, ଗୌରିଶଙ୍କର ରାଉଳ, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ପ୍ରଭାତ କୁମାର ପଟ୍ଟନାୟକ, ଜଗନ ମୋହନ ପଟ୍ଟନାୟକ, ଅକ୍ଷୟ କୁମାର ବେହେରା, ଅମ୍ରେସ ତ୍ରିପାଠୀ, ରବୀନ୍ଦ୍ର ସାହୁ, ପ୍ରଭାତ କୁମାର ଦାଶ, ରବୀନ୍ଦ୍ର ବେହେରା, ଦୟାନିଧି ପଣ୍ଡା, ସନ୍ତୋଷ ସେଠୀ ଯୋଗଦେଇ ମହିଳାମାନଙ୍କୁ ସେମାନଙ୍କ ଲାଗି ରହିଥିବା ବିଭିନ୍ନ ଆଇନ ଓ ସୁରକ୍ଷା, ଯୋଜନା ମାନ ସମ୍ପର୍କରେ ବୁଝାଇ ସଚେତନତା କରାଇଥିଲେ। ଏହାକୁ କୋର୍ଟ କର୍ମଚାରୀ ପ୍ରସନ୍ନ କୁମାର ବେହେରା ଓ ଅନ୍ୟମାନେ ପରିଚାଳନା କରିଥିଲେ।

## ସ୍କୁଲ ପରିସରରେ ଶୁଖିଲା ଗଛ

**ଖଜୁରିପଡ଼ା,୧୨।୩:** ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ପଞ୍ଚାୟତ ଅଧୀନ ନୂଆସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଶୁଖିଲା ବିଶାଳକାୟ ଗଛ ଅଛି। ଏହି ବିଦ୍ୟାଳୟକୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ର ଅଧ୍ୟୟନ କରିବା ପାଇଁ ଆସୁଛନ୍ତି। କିନ୍ତୁ ସ୍କୁଲ ପରିସରରେ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଗଛର କାଠ କେତେବେଳେ କାହା ଉପରେ ପଡ଼ି କୌଣସି ଅଘଟଣ ଯେ ନ ଘଟିବ ତାହା କହି ହେଉନାହିଁ। ତେଣୁ ସ୍କୁଲ କମିଟି କର୍ତ୍ତୃପକ୍ଷ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ହୋଇପଡ଼ିଛି।

# ୨୩ରେ ସିପିଆଇର ଭୁବନେଶ୍ୱର ଚାଲ ଅଭିଯାନ

**ଛତ୍ରପୁର,୧୨।୩(ଡି.ଏନ୍.ଏ)**

ଭାରତୀୟ କମ୍ୟୁନିଷ୍ଟ ଚମାଖଣ୍ଡି ଆଞ୍ଚଳିକ ପରିଷଦ ପକ୍ଷରୁ ଭିକାରୀପଲ୍ଲୀ ପଞ୍ଚାୟତର ନୂଆଁପଲ୍ଲୀଠାରେ ବିରାଟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅଭ୍ୟର୍ଥନା କମିଟି ସଭାପତି ତଥା ଭିକାରୀପଲ୍ଲୀ ସରପଞ୍ଚ ମମତା ସୁବୁଦ୍ଧି, ଚମାଖଣ୍ଡି ଆଞ୍ଚଳିକ ପରିଷଦ ସମ୍ପାଦକ ସିଏଚ. ଜନାର୍ଦ୍ଦନ ରେଡ୍ଡୀ ଓ ବିକେଏମ୍‌ୟୁ ନେତା ସି.ଏଚ. ସତ୍ୟନାରାୟଣ ରେଡ୍ଡୀଙ୍କ ଅଧକ୍ଷତା କରିଥିଲେ। ଆସନ୍ତା ୨୩ ତାରିଖରେ ଭୁବନେଶ୍ୱର ମହାସମାବେଶକୁ କିପରି ସଫଳ କରାଯିବ ସେ ନେଇ ଆଲୋଚନା ହୋଇଥିଲା। କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ ଅଭୟ ସାହୁ ଯୋଗଦେଇ କେନ୍ଦ୍ରର ମୋଦି ସରକାରଙ୍କ ବିରୁଦ୍ଧରେ ଅଭିଭାଷଣ ରଖିଥିଲେ। ଛତ୍ରପୁର ମାଟି ଅତୀତରେ ଲାଲଗଡ଼ ଭାବେ ପରିଚିତ ଥିଲା, ତାହାକୁ ଦୋହରାଇବାକୁ ପଡ଼ିବ ବୋଲି ମଧ୍ୟ ଆହ୍ୱାନ ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତିକୁ ସମାଲୋଚନା କରିଥିଲେ। ପରେ ୨୪ତମ ପାର୍ଟି କଂଗ୍ରେସ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ସହ ସମ୍ପାଦକ ନୀଳକଣ୍ଠ ଦାଶ ଓ ପ୍ରଦୀପ କୁମାର ସେଠି, ଯୁବସଂଘର ଜିଲା ସଭାପତି କାମଦେବ ନାହାକ, ଭିକାରୀପଲ୍ଲୀ ସମିତି ସଭ୍ୟା ଏନ. କାନ୍ତାମ୍ମା ପାତ୍ର, ପୂର୍ବତନ ସମିତି ସଭ୍ୟ ମଥୁରା ଚରଣ ସୁବୁଦ୍ଧି, ଏନ. ମୁନା ପାତ୍ର, ରାଜ୍ୟ ମହିଳା ନେତ୍ରୀ ଏନ. ଭାନୁମତି ରେଡ୍ଡୀ, ଛତ୍ରପୁର ଆଞ୍ଚଳିକ ପରିଷଦ ସମ୍ପାଦକ ଡି. ଆଦିନାରାୟଣ ରେଡ୍ଡୀ, ସହ ସମ୍ପାଦକ ଦୁର୍ଯ୍ୟୋଧନ ପରିଡା, ଗଞ୍ଜାମ ଆଞ୍ଚଳିକ ପରିଷଦର ସମ୍ପାଦକ ଦଣ୍ଡପାଣି ପାତ୍ର, ଚମାଖଣ୍ଡି ଆଞ୍ଚଳିକ ପରିଷଦର ସହ ସମ୍ପାଦକ ଗୁରୁନାଥ ପ୍ରଧାନ ଓ ଏନ. ଗିରିଜା ପ୍ରସାଦ ରେଡ୍ଡୀ, ରାଜୀବ ଲୋଚନ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ରଥଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ସମିତି ମଥୁରା ଚରଣ ସୁବୁଦ୍ଧି, ଶ୍ରମିକ ନେତା କେଶବ ନାହାକ, ଭାଗିରଥି ପ୍ରଧାନ, ମାନସ ରାଉଳ, ସୁଦର୍ଶନ ଗୌଡ଼, ବି. ବୈରାଗୀ ରେଡ୍ଡୀଙ୍କ ସମେତ ଅନ୍ୟାନ୍ୟ ଶ୍ରମିକମାନେ ଅଭିଯୋଗ କରିଥିଲେ ଯେ, ଗୋପାଳପୁର ପୋର୍ଟ ସୁପରଭାଇଜର ୟୁନିୟନର ନେତା ଠିକ ଭାବେ କାର୍ଯ୍ୟକାରୁ ନାହାନ୍ତି। ତେଣୁ ଏହାର ସମାଧାନ ରାଜ୍ୟ ନେତୃବୃନ୍ଦ ୩୧ତାରିଖ ସୁଦ୍ଧା କରିବାକୁ କହିଥିଲେ। ସ୍ୱାଗତ ଭାଷଣ ଚମାଖଣ୍ଡି ଆଞ୍ଚଳିକ ପରିଷଦ ସମ୍ପାଦକ ସି.ଏଚ. ଜନାର୍ଦ୍ଦନ ରେଡ୍ଡୀ ପ୍ରଦାନ କରିଥିବା ବେଳେ ମଥୁରା ଚରଣ ସୁବୁଦ୍ଧି ପ୍ରାରମ୍ଭିକ ସୂଚନା ଦେଇଥିଲେ।

